# All India Radio, Sambalpur

# SAMBALPURI NEWS BULLETIN

## 21 May 2018 - 8.17pm.

**************************************************

## <u>ମୁଖିଆ ଖବର୍</u>

୧- ମୁଖ୍ୟମନ୍ତ୍ରୀଙ୍କର୍ ଅଧକ୍ଷତାଥି ଭୁବ୍‌ନେଶ୍ୱର୍ ସଚିବାଲୟ ନ ହେଲା ମନ୍ତ୍ରୀ ପରିଷଦ୍‌ର ବୈଠକ୍ ।

୨- ବଲାଙ୍ଗିର୍ ଜିଲ୍ଲା ବର୍‌କାନୀଠାନେ ଏଲ୍.ପି.ଜି. ବଟଲିଂ ପ୍ଲାଂଟ୍‌ର ଭିତିପ୍ରସ୍ତର୍ ଥାପ୍‌ନା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୩- ବାଲେଶ୍ୱର୍ ଚାନ୍ଦିପୁର୍ ନୁ ସଫଲତାର୍ ସହେତେ ପରୀକ୍ଷା ହେଲା ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ ରାଏଜର୍ ବଡ୍‌ଭାଗୀ ଜିଲ୍ଲା ନ ଘଡ୍ ଘଡ଼ି ସହେତେ ବର୍ଷା ହେବାର୍ ସମ୍ଭାବନା ।

ମନ୍ତ୍ରୀ ପରିଷଦ୍ ବୈଠକ୍        RNU/CTC

ରାଜ୍ୟ ସଚିବାଳୟ ନ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ମନ୍ତ୍ରୀ ପରିଷଦ୍ର ବୈଠକ୍ ଅନୁଷ୍ଠିତ୍ ହେଇଯାଇଛେ । ସର୍କାର୍ଙ୍କର୍ ୪ ବଛର୍ ଶାସନ୍ ପୂର୍ତି ପାଲନ୍ ଅବସର୍ ନ ଆଏଜ୍ ୧୦ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ୍ ଉପ୍ରେ ସର୍କାର୍ଙ୍କର୍ ନୀତି ଆଉ ପଦ୍କ୍ଷେପ୍ ବିଷେ ଘୋଷ୍ନା କରିଛନ୍ । ୫ ବଛ୍ରେ ରାଜ୍ୟ ସର୍କାର୍ ପଦାର୍ପଣ କରିଥିବା ଅବ୍ସର୍ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ୍ କହିଛନ୍ ଯେ ଓଡ଼ିଶା ଭାଷାର୍ ପ୍ରସାର୍ ଆଉ ପ୍ରଚାର୍ ଉଦ୍ଦେଶ୍ୟ୍ଥି ସର୍କାର୍ ବହୁତ୍ଟେ ଐତିହାସିକ୍ ପଦ୍କ୍ଷେପ୍ ନେଇଛନ୍ । ଗରିବ୍ ଲୋକ୍ମାନ୍କୁ ରହେବାର୍ ଘର୍ ଯୁଗାବାର୍ଥି ରାଜ୍ୟ ସର୍କାର୍ ଇ ବଛର୍ ମାର୍ଚ୍ଚ ଶେଷ୍ତକ୍ ୭ ଲାଖ୍ ଘର୍ ବଂଟା ଯାଇଥିବାର୍ ବେଲେ ୧୭ ଲାଖ୍ ଘରର୍ ତିଆରି ଶେଷ୍ ହେଇଛେ ଆଉ ଆଏବା ବଛର୍ ୨୪ ଲାଖ୍ ଘର୍ ଯୁଗାବାର୍ ଲକ୍ଷ୍ୟ ରଖାଯାଇଛେ । ଏବ୍ତକ୍ ରାଏଜେ ଗାଁ ଆଉ ଗ୍ରାମ୍ ପଂଚାୟତ୍ ମାନ୍କେ ସଂଯୋଗ୍ କର୍ବାର୍ ଲାଗି ୨୫ ହଜାର୍ ୫ଶହ କିଲୋମିଟର୍ ଗ୍ରାମୀଣ୍ ରାସ୍ତା ତିଆର୍ କରାଯାଇଛେ । ଆଏବା ବଛର୍ ଏପ୍ରିଲ୍ ପହେଲାତକ୍ କୃଷି ଆଉ ଜଲ୍ସେଚନ୍ ଦିଗେ ୧୦ ଲାଖ୍ ହେକ୍ଟର୍ ଜମିକେ ଜଲ୍ସେଚନ୍ କରାଯିବାର୍

ଯୋଜ୍‌ନା ରହିଥିବାର୍ ବେଳେ ଏବ୍‌ତକ୍ ୭ ଲାଖ୍ ହେକ୍ଟର୍ ଜମି ଜଲ୍‌ସେଚିତ୍ କରାଯାଇସାରିଛେ । ରାଏଜେ ବୃଷ୍ଟିପୁଷ୍ଟ ଇଲାକାନେ କ୍ଷୁଦ୍ର ଶସ୍ୟ ମିଶନ୍ କାର୍ଯ୍ୟକାରୀ କରାଯାଉଛେ ।

ଭାଗଚାଷୀମାନ୍‌କୁ ଶସ୍ୟ ବୀମା ଯୁଗେଇ ଦିଆଯିବାର୍ ସହେତେ ୧୧୭ ଲାଖ୍ ଟନ୍ ଶସ୍ୟ ଉତ୍ପାଦନ୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗୁଟେ ଐତିହାସିକ୍ ପଦକ୍ଷେପ୍ ହିସାବେ ସହରାଂଚଲ୍ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର୍ ଦିଆଯାଇଛେ । ଯୁବବର୍ଗଙ୍କର୍ କୌଶଲ୍ ବିକାଶ୍ ଉଦ୍ଦେଶ୍ୟରେ ୯ ଲାଖ୍ ଲୁକ୍‌କୁ ତାଲିମ୍ ଦିଆଯାଇଥିବାର୍ ବେଳେ ୧୧ ଲାଖ୍ ଲୁକ୍‌କୁ ତାଲିମ୍ ଦିଆଯିବାର୍‌କେ  ଲକ୍ଷ୍ୟ ଧାଏର୍ଜ ହେଇଛେ । ରାଏଜେ ୯ଟା ମେଡ଼ିକାଲ୍ କଲେଜ୍ ଥାପ୍‌ନା ଦିଗେ ପଦକ୍ଷେପ୍ ନିଆଯାଇ ୪ ଟା ମେଡ଼ିକାଲ୍ କଲେଜ୍ କାମ୍ ପୁରା ହେଇପାରିଛେ । ୯ଟା ଆଦିବାସୀ ବହୁଳ ଜିଲ୍ଲା ଲାଗି ଖାସ୍ ଉନ୍ନୟନ୍ କାଉନ୍‌ସିଲ୍ ଗଠନ୍ କରାଯାଇଛେ । ମହିଳାମାନ୍‌କର୍ ସଶକ୍ତିକରଣ୍ ଦିଗେ ପଦ୍‌କ୍ଷେପ୍ ହିସାବେ ୭୦ ଲାଖ୍ ମହିଳାଙ୍କୁ ଏସ୍.ଏଚ୍.ଜି.ଥି ସାମିଲ୍ କରାଯାଇକରି ମମତା ଯୋଜ୍‌ନାଥି ୪୦ ଲାଖ୍ ମହିଳାଙ୍କୁ ସାମିଲ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ୍ କହିଛନ୍ । କ୍ରୀଡ଼ା କ୍ଷେତ୍ର ନ ଓଡ଼ିଶାକେ ବିଶ୍ୱର୍ ଆକର୍ଷଣ୍ ହିସାବେ ବନାବାର୍ ଲାଗି ଉଦ୍ୟମ୍ କରାଯାଉଛେ ବଲି

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ କହିଛନ୍ । ଇ ବୈଠକ୍‌ଥି ମନ୍ତ୍ରିମଣ୍ଡଲ୍‌ର ସବୁ ସଦସ୍ୟ, ମୁଖ୍ୟ ସଚିବ୍ ଆଉ ସବୁ ବିଭାଗୀୟ ସଚିବ୍‌ମାନେ ଉପସ୍ଥିତ୍ ଥିଲେ ।

ଏଲ୍‌ପିଜି ବଟଲିଂ ପ୍ଲାଂଟ୍ RNU/CTC

ଭାରତ୍ ପେଟ୍ରୋଲିୟମ୍ କର୍ପୋରେସନ୍ ତର୍‌ଫୁ ବଟଲିଙ୍ଗ୍ ପ୍ଲାଂଟ୍ ଲାଗି ଆଏଜ୍ ବଲାଙ୍ଗୀର୍ ଜିଲ୍ଲାର୍ ବରକାନିଠାନେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ କୋଶଲ୍ କଲ୍ୟାଣ୍ ମଣ୍ଡପ୍ ଠାନେ ହେଇଥିବା ଉତ୍ସବ୍‌ଥି ଉଦ୍‌ବୋଧନ୍ ଦେଇକରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ପହେଲା କ୍ଷେପେ ଇ ପ୍ଲାଂଟ୍‌ଥି ୧୦୩ କୁଟି ଟଙ୍କା ଖର୍ଚ୍ଚା ହେବା । ଆଉ ଇ ପ୍ଲାଂଟ୍‌ନୁ ବଲାଙ୍ଗୀର୍, ଝାର୍‌ସୁଗୁଡ଼ା, ସମ୍ବଲପୁର୍, ବର୍‌ଗଡ଼୍, କଲାହାଣ୍ଡି, ସୋନ୍‌ପୁର୍, କୋରାପୁଟ୍, ମାଲ୍‌କାନ୍‌ଗିରି, ନବରଙ୍ଗ୍‌ପୁର୍, ବୌଦ୍ଧ, କନ୍ଧମାଲ୍, ରାୟଗଡ଼ା, ସୁନ୍ଦରଗଡ଼୍ ଆଉ ନୂଆପଡ଼ା ଜିଲ୍ଲାକେ ସିଲିଣ୍ଡର୍ ଯୁଗାବାର୍ ବ୍ୟବସ୍ଥା ରହିଛେ । ବଛର୍‌କ ୪୨ ଲାଖ୍ ସିଲିଣ୍ଡର୍ ଉତ୍ପାଦନ୍ କ୍ଷମ୍‌ତା ରହିଛେ ଆଉ ଇ ପ୍ଲାଂଟ୍ ୨୦୨୦ ମାର୍ଚ୍ଚତକ୍ କାର୍ଯ୍ୟକାରୀ ହେବା । କେନ୍ଦ୍ର ସାମାଜିକ୍, ନ୍ୟାୟ ଓ ସଶକ୍ତିକରଣ୍ ମନ୍ତ୍ରୀ

ଥାୱାର୍ ଚାନ୍ଦ ଗେହେଲଟ୍ ଇଥି ଯୋଗ୍ ଦେଇକରି କେନ୍ଦ୍ର ସର୍କାର୍ଙ୍କର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବିଷେ ସୂଚ୍ନା ଦେଇଥିଲେ । ଉତ୍ସବ୍ଥି ଅଲ୍ଗାମାନ୍କର୍ ଭିତ୍ରେ ବିଧାୟକ୍ କନକବର୍ଦ୍ଧନ୍ ସିଂହଦେଓ, ପୂର୍ବତନ ସାଂସଦ୍ ସଙ୍ଗୀତା କୁମାରୀ ସିଂଦେଓ, ଭାରତ୍ ପେଟ୍ରୋଲିୟମ୍ ଅଧକ୍ଷ ଆର୍ ପରିଚାଳନା ନିର୍ଦ୍ଦେଶକ୍ ଯୋଗ୍ ଦେଇଥିଲେ ।

ଦିବ୍ୟାଙ୍ଗ Bolangir/R

କେନ୍ଦ୍ର ସାମାଜିକ୍, ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରୀ ଥାୱର୍ଚାନ୍ଦ୍ ଗେହଲଟ୍ ବଲାଙ୍ଗିର୍ ନ ଆଏଜ୍ ସ୍ୱାମୀ ବିବେକାନନ୍ଦ ପୁନର୍ବାସ ପ୍ରଶିକ୍ଷଣ୍ ଆଉ ଅନୁସନ୍ଧାନ୍ କେନ୍ଦ୍ରକେ ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ ସେ କହିଥିଲେ ଯେ, ଦିବ୍ୟାଙ୍ଗମାନ୍କର୍ ଲାଗି କେନ୍ଦ୍ରର୍ ମୋଦୀ ସର୍କାର୍ ବହୁମୁଖୀ ଯୋଜ୍ନା ମାଧମ୍ଥି ଦିବ୍ୟାଙ୍ଗ ମାନ୍କର୍ ଉନ୍ନତି କରାଯାଉଛେ । ସେଆଡ଼େ ରାଜ୍ୟ ସର୍କାର୍ ଯଦି ଜମି ଯୁଗେଇ ଦେବେ ବେଲେ ଇ ଅନୁଷ୍ଠାନ୍ମାନ୍କର୍ ଲାଗି ଦିବ୍ୟାଙ୍ଗ ମାନ୍କେର ପ୍ରଶିକ୍ଷଣ୍ ସାଙ୍ଗେ ରହେବାର୍ ଆର୍ ଚିକିତ୍ସା କରାଯାଇପାର୍ବା । ଆଘୋନୁ ସର୍କାର୍ମାନ୍କର୍ ଇ ବିଭାଗ୍ ଗୁଟେ ସ୍ଥାୟୀ ବିଭାଗ୍ ରହିଥିବାର୍ ବେଲେ

ମୋଦୀ ସର୍କାର୍ ଅମଲ୍‌ଥି ଇଟା ସାମାଜିକ୍ ନ୍ୟାୟ ଆଉ ସଶକ୍ତିକରଣ୍ ଲାଗି ଗିନିଜ୍ ବୁକ୍‌ରେ ରେକର୍ଡ଼ ରହିଛେ ବଲି ମନ୍ତ୍ରୀ ଶ୍ରୀ ଗେହଲଟ୍ କହିଥିଲେ । ଇ କେନ୍ଦ୍ର ଦ୍ୱାରା ଦିବ୍ୟାଙ୍ଗ ମାନେ ମାହାଲିଆ ଚିକିତ୍ସା, ଫିଜିଓଥେରାପି, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସାଙ୍ଗେ ଦିବ୍ୟାଙ୍ଗ ମାନ୍‌କର୍ ଲାଗି ବେଭାର୍ ହଉଥିବାର୍ ଜିନିଷ୍ ମାହାଲିଆ ପାଇପାର୍‌ବେ । ଇ ଉଦ୍‌ଘାଟନ୍ ଉତ୍ସବ୍‌ଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆର୍ ପାଟ୍‌ନାଗଡ଼୍ ବିଧାୟକ୍ କନକ୍ ବର୍ଦ୍ଧନ୍ ସିଂହଦେଓ, ଆଘର୍ ସାଂସଦ୍ ସଙ୍ଗୀତା ସିଂହଦେଓ ପ୍ରମୁଖ ଉପସ୍ଥିତ୍ ଥିଲେ । ଇ ପ୍ରକଳ୍ପ ୫ କୁଟି ନୁ ଅଏତ୍‌କା ଟଙ୍କାଥି ତିଆର୍ ହେଇଛେ ।

## ଦୁର୍ନୀତି ବିରୋଧ୍- ବି.ଜେ.ପି. RNU/CTC

ଓଡ଼ିଶା ସର୍କାର୍‌ଙ୍କର୍ ୧୮ ବଛ୍‌ରେ କଥିତ ୩୬ ମହାଦୁର୍ନୀତିର୍ ବିରୋଧ୍‌ଥି ରାଏଜର୍ ତୃଣମୂଲ୍‌ସ୍ତରତକ୍ ନିର୍ଣ୍ଣାୟକ ଲଢ଼େଇ କର୍‌ବାର୍ ଲାଗି ବି.ଜେ.ପି. ତିଆର୍ ଅଛେ ବଲି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଘୋଷ୍‌ନା କରିଛନ୍ ।

ନବୀନ୍ ସର୍କାର୍‌ଙ୍କର୍ ୪ ନମ୍ବର୍ ପାଲିର୍ ୪ ବଛର୍ ପୁରା ହେବାର୍ ଅବ୍‌ସରେ ବି.ଜେ.ପି. ତର୍‌ଫୁ ତଥ୍ୟ ସମ୍ବଲିତ୍ ଚାର୍ଜସିଟ୍ ଲୋକାର୍ପିତ୍ କରିକରି ଶ୍ରୀ ପଣ୍ଡା କହିଛନ୍ ଯେ, ଦୁର୍ନୀତି ସହେତେ

ଭିନ୍ ଭିନ୍ ଦୁର୍ନୀତିକେ ଲୋକମାନ୍‌କର୍ ନଜର୍‌କେ ଆନ୍‌ବାର୍ ଲାଗି ଦଲ୍ ଚେଷ୍ଟା କରିଛେ ।

ଶ୍ରୀ ପଣ୍ଡା କହିଛନ, ୧୮ ବଛର୍ ହେଲା ନ ଅପାର ସମ୍ଭାବନାର୍ ରାଜ୍ୟ ଓଡ଼ିଶାକେ ପ୍ରଗତିର୍ ଶୀର୍ଷଥି ପୁହୁଁଚାବାର୍‌କେ ରାଜନୈତିକ୍ ଇଚ୍ଛାଶକ୍ତିର୍ ସାଙ୍ଗେ କାମ୍ କର୍‌ବାର୍ ବଦ୍‌ଲା ଲୋକ୍ କଲ୍ୟାଣ୍ ଛାଡ଼ିକରି ଲୁକଙ୍କର୍ ଟଙ୍କାକେ ସର୍‌କାରୀ ପୃଷ୍ଠପୋଷକତାଥି ହଡ଼ପ୍ କରାଯାଇଛେ । ଲୋକ୍ ବହୁତ୍ କଷ୍ଟେ କମଉଥିବାର୍ ଟଙ୍କାକେ ସର୍‌କାରୀ ଦଲର୍ ନେତା, ମନ୍ତ୍ରୀ, ସାଂସଦ୍, ବିଧାୟକଙ୍କର୍ ପୃଷ୍ଠପୋଷକତାଥି ଲୁଟ୍ କରାଯାଇକରି ରାଏଜର୍ ଲାଖ୍ ଲାଖ୍ ଚିଟ୍‌ଫଣ୍ଡ ଜମାକାରୀମାନ୍‌କୁ ସର୍ବସ୍ୱାନ୍ତ କରାଯାଇଛେ । ଚିଟ୍‌ଫଣ୍ଡ୍ ମହାକେଲେଙ୍କାରୀଥି ସାମିଲ୍ ବି.ଜେ.ଡ଼ି. ନେତାମାନ୍‌କୁ ଲୋକ୍ ଦେଖାଣିଆ ଭାବେ ସାମୟିକ କାର୍ଯ୍ୟାନୁଷ୍ଠାନ୍‌ର କଥା କହିକରି ସେମାନ୍‌କୁ ସମ୍ମାନର୍ ସହେତେ ଦଳୀୟ କାମ୍‌ଥି ଲଗାବାର୍‌ଟା ମୁଖ୍ୟମନ୍ତ୍ରୀଙ୍କର ଦୋମୁହାଁ ନୀତିକେ ସ୍ପଷ୍ଟ କରିଛେ ବଲି ଶ୍ରୀ ପଣ୍ଡା କହିଛନ୍ ।

ସେ ଆଉ କହିଛନ୍ ଯେ, ନରେନ୍ଦ୍ର ମୋଦୀ ଓଡ଼ିଶାକେ ଗରିବ୍ କଲ୍ୟାଣ୍ ଯୋଜ୍‌ନାର୍ ପ୍ରୟୋଗ୍‌ଶାଲା କରିକରି ଫି ଘରେ ଯେନ୍ତା ବିକାଶ୍‌ର ସୁଫଲ୍ ପୁହୁଁଚିବା, ସେଥିର୍‌ଲାଗି ପର୍ଯ୍ୟାପ୍ତ ଆର୍ଥିକ୍ ବ୍ୟୟବରାଦ୍ କରିଛନ୍ । ସ୍ଥାଣୁତା, ଅପାରଗତା ଲାଗି ଯେନ୍ ପରିମାଣ୍‌ର ଯୋଜ୍‌ନାର୍ ସୁଫଲ୍ ଲୁକେ ପାଏବାର୍ କଥା, ସେଟା ନାଇଁ ପାଏବାର ।

ଲୁକଙ୍କର୍ ଟଙ୍କାର୍ ଲୁଟ୍‌ବାର୍ ଆର୍ ୧୮ ବଛରେ ବି.ଜେ.ଡ଼ି.ର୍ ଦୁର୍ନୀତି ବିରୋଧିଥି ସାରା ରାଏଜର୍ ଗୁଟେ ନିର୍ଣ୍ଣାୟକ୍ ଜନ ଆନ୍ଦୋଲନ୍ ବି.ଜେ.ପି. ଗଢ଼୍‌ବା ବଲି ଶ୍ରୀ ପଣ୍ଡା କହିଛନ୍ ।

ବ୍ରହ୍ମୋସ୍ RNU/CTC

ବାଲେଶ୍ୱର୍ ଚାନ୍ଦିପୁର୍‌ର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର୍ ୩ ନମ୍ବର୍ ଉତ୍‌କ୍ଷେପଣ୍ କେନ୍ଦ୍ରନୁ ଆଏଜ୍ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଆଉ ଗୁଟେ ବ୍ୟବହାରିକ୍ ପରୀକ୍ଷଣ୍ କରାଯାଇଛେ । ସଖାଲର୍ ୧୧ ବାଜିକରି ୪୦ ମିନିଟ୍‌ଥି ଇ ପରୀକ୍ଷଣ୍ କରାଯାଇଥିଲା । ଇ କ୍ଷେପଣାସ୍ତ୍ରକେ ନ୍ୟୁ ଟେକ୍ନୋଲୋଜି ଅଫ୍ ଲାଇଭ୍ ଏକ୍ସଟେନ୍‌ସନ୍ ଭାବେ ବିବେଚିତ୍ କରାଯାଇକରି ଇତାର୍ ପରୀକ୍ଷଣ୍ କରାଯାଇଥିଲା । ଇ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରେ ଆଘୋନୁ ୨୯୦ କିଲୋମିଟର୍ ଦୂରତାକେ ଲକ୍ଷ୍ୟଭେଦ କର୍‌ବାର୍ କ୍ଷମ୍‌ତା ରଖିଛେ । ଆଘୋନୁ ଇ କ୍ଷେପଣାସ୍ତ୍ରକେ ସେନାବାହିନୀ ଆଉ ନୌବାହିନୀଥି ସାମିଲ୍ କରାଯାଇଛେ । ଆଝିର୍ ଇ ପରୀକ୍ଷଣ୍ ସଫଲ୍ ହେଇଛେ । ଇ ସମିଆଥି

ଡି.ଆର୍.ଡି.ଓ.ର ବହୁତ୍ ବୈଜ୍ଞାନିକ ଆଉ ଇଞ୍ଜିନିୟର୍ ଉପସ୍ଥିତ୍ ଥିଲେ ।

ବଢୁଛେ ତେଲ୍ ଦର୍ RNU/CTC

ତେିଲ ଉତ୍ପାଦନ୍‌କାରୀ କମ୍ପାନୀର୍ ଉତ୍ପାଦନ୍ କମୁଛେ । ଯେନ୍‌ଥିର୍ ପ୍ରଭାବ୍ ଆନ୍ତର୍ଜାତୀୟ ବଜାର୍ ଉପ୍‌ରେ ପଡୁଛେ । ଇ କାରଣ୍‌ନୁ ଲଗାତାର୍ ତେଲ୍ ବଢୁଛେ । ହେଲେ ଇତାର୍ ସମାଧାନ୍ ଲାଗି ଭାରତ୍ ସର୍‌କାର୍ ଚିନ୍ତା କରୁଥିବାର୍ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଓଡ଼ିଶା ସହେତେ ସାରା ଦେଶେ ତେଲ୍‌ର ଦାମ୍ ବଢ୍‌ବାର୍ ବିଷେଥି ପ୍ରତିକ୍ରିୟା ରଖିକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇଟା କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ପେଟ୍ରୋଲ୍‌ର ଦାମ୍ ଲିଟର୍ ପିଛା ୭୩ ଟଙ୍କା ୬୪ ପଏସା ଥିଲା ଏଛେନ୍ ସେଟା ୭୫ ଟଙ୍କା ୬ ପଏସାକେ ବଢ଼ିଛେ । ସେନ୍ତା ଡିଜେଲ୍ ଲିଟର୍ ପିଛା ୭୨ ଟଙ୍କା ୪୩ ପଏସାଥି ପୁହୁଁଚିଛେ ।

ଶ୍ରୀମନ୍ଦିର୍ - ଇ - ବ୍ୟବସ୍ଥା RNU/CTC

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଲୟନେ ଏତ୍‌କେ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ମୁଲ୍ ହେବା । ଅଫିସ୍‌ର୍ ସବୁ କାଗଜ୍‌ପତର କାମ୍

କମ୍ପ୍ୟୁଟରଥି କରାଯିବ। ୫ ହଜାର୍ ଫାଇଲ୍‌ର ସ୍କାନିଂ, କୋଡ଼ିଂ ଆର୍ ସଂରକ୍ଷଣ୍ କାମ୍ ମୁଲ୍ ହେଇଛେ। ମୁଖ୍ୟ ଶାସନ୍ ସଚିବ୍ ଆଧୁନିକୀକରଣ୍ ବ୍ୟବସ୍ଥାର୍ ମୁଲ୍ କର୍‌ବେ। ଏନ୍ଛେନ୍‌ତକ୍ ପାଖାପାଖ୍ରି ୧୫ ଶହ କାଗଜ୍‌ପତର୍ ସ୍କାନିଂ କରାଯାଇଛେ। ବାକି ଫାଇଲ୍‌ମାନ୍‌କେ ବହୁତ୍‌ଜଲ୍‌ଦି କୋଡ଼ିଂ ଆର୍ ସଂରକ୍ଷଣ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିର୍ଦ୍ଦେଶ୍ ଦେଇଛନ୍। ଜାତୀୟ ସୂଚ୍‌ନା, ବିଜ୍ଞାନ୍ କେନ୍ଦ୍ର ସାହାଜ୍‌ଥି ଇ-ଅଫିସ୍ ବ୍ୟବସ୍ଥା ପ୍ରଚଲନ୍ କରାଯିବା। ଇଥିର୍‌ଲାଗି ସବୁ କର୍ମଚାରୀ ଆର୍ ଅଫିସର୍‌ଙ୍କୁ ଆଏଜ୍‌ଠାନୁ ଦୁଇଦିନିଆ ତାଲିମ୍ ଦେବାର୍‌କେ ପ୍ରଶାସନ୍ ଥିର୍ କରିଛେ।

ଆତଙ୍କବାଦ ବିରୋଧ ଦିବସ୍          RNU/SBP

ସମ୍ବଲପୁର୍ ରେଲ୍‌ମଣ୍ଡଳଥି ଆତଙ୍କ୍‌ବାଦ ବିରୋଧ ଦିବସ୍ ଆଏଜ୍ ପାଲିତ୍ ହେଇଯାଇଛେ। ମଣ୍ଡଲ୍ ରେଲ୍ ପ୍ରବନ୍ଧକ୍ କାର୍ଯ୍ୟାଳୟର୍ ପ୍ରଗତୀଧାରାଠାନେ ହେଇଥିବା ଉତ୍ସବ୍‌ଥି ଅତିରିକ୍ତ ମଣ୍ଡଲ୍ ରେଲ୍ ପ୍ରବନ୍ଧକ ଏଲ୍.ଭି.ଏସ୍.ଏସ୍. ପାତ୍ରଡୁଙ୍କର୍ ନେତୃତ୍ୱଥି ସବୁ ରେଲ୍ ଅଧିକାରୀ ଆର୍ ର୍କମଚାରୀମାନେ ଆତଙ୍କବାଦ ଆର୍ ହିଂସାର ବିରୋଧ୍ କର୍‌ବାର୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷଥି ଶାନ୍ତି,

ସାମାଜିକ୍ ସଦ୍‌ଭାବ ଆଉ ମାନବ ଜୀବନ୍ ପ୍ରତି ବିପଦ୍ ସୃଷ୍ଟି କରୁଥିବାର୍ ବିଘଟନ୍‌କାରୀ ଶକ୍ତି ବିରୋଧିଥି ଲଢ଼୍‌ବାର୍ ଲାଗି ଶପଥ୍ ନେଇଥିଲେ ।

ବନ୍ଧୁକ୍ ଜବତ RNU/SBP

ସମ୍ବଲପୁର୍ ପୁଲିସ୍ ଗଲାକାଏଲ୍ ୫ଜନ୍‌କୁ ଗିରଫ୍ କରିକରି ବନ୍ଧୁକ୍ ଆର୍ ବହୁତ୍‌ଟେ ଗୁଲି ଜବତ୍ କରିଛନ୍ । ପୁଲିସ୍ ଇ ଖାନ୍‌ତଲାସ୍ ବେଲେ ୪ଟା ପିସ୍ତଲ୍ , ୫୦ ନୁ ଅଏତ୍‌କା ଜୀବନ୍ତ କେଟ୍ରିଜ୍, ଗୁଟେ ବେଟ୍, ୨ଟା ମୋବାଇଲ୍ ହେଣ୍ଡସେଟ୍ ଆର୍ ଗୁଟେ ମଟର୍‌ସାଇକିଲ୍ ଜବତ୍ କରିଥିବାର୍ ଉତରାଂଚଲ୍ ଡିଆଇଜି ସତ୍ୟବ୍ରତ ଭୋଇ ଆଏଜ୍ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇଛନ୍ । ଶ୍ରୀ ଭୋଇ କହିଛନ୍ ଯେ, ଅଭିଯୁକ୍ତ ନାଁଥି ଆଘୋନୁ ଟାଉନ୍‌ଥାନାଥି ୩ଟା ଆର୍ ରେଢ଼ାଖୋଲ୍ ଥାନାଥି ଗୁଟେ ଫୌଜ୍‌ଦାରୀ ମାମ୍‌ଲା ରହିଛେ । ଇ ବାବଦ୍‌ଥି ସଦର୍ ଥାନାଥି ଗୁଟେ କେସ୍ କରାଯାଇଛେ । ବେଆଇନ୍ ଅସ୍ତ୍ରଶସ୍ତ୍ର ଚାଲାଣ୍ ହେଉଥିବାର୍ ଖବର୍ ପାଇକରି ସମ୍ବଲ୍‌ପୁର୍ ଏସ୍‌ପି ସଞ୍ଜିବ୍ ଆରୋରା ଗୁଟେ ଟିମ୍ ଗଠନ୍ କରିଥିଲେ ଆଉ ପୁଲିସ୍ ଅଧିକାରୀଙ୍କର୍ ଟିମ୍ ଇ ଧରପଗଡ଼୍ କରିଥିଲା ।

ପାଣିପାଗ RNU/SBP

ଆଏବା ୨୪ ଘଂଟା ଭିତ୍‌ରେ ରାଏଜର୍ ୨୦ ନୁ ଅଏତ୍‌କା ଜିଲ୍ଲା ନ ବର୍ଷା ସହେତେ ଘଡ୍‌ଘଡ଼ି ଆର୍ କରାବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ । ରାଏଜର୍ କେନ୍ଦୁଝର୍, ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, ଢେଙ୍କାନାଲ୍, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, କଟକ୍, ପୁରୀ, ନୟାଗଡ୍, ଗଞ୍ଜାମ୍, ଗଜପତି, କନ୍ଧମାଲ୍, ରାୟଗଡ଼ା, ସମ୍ବଲପୁର୍, ବୌଦ୍ଧ, ସୁବର୍ଣ୍ଣପୁର୍, ନୂଆପଡ଼ା ଆର୍ ଖୋର୍ଦ୍ଧା ଆଏଜ୍ ଜିଲ୍ଲାମାନ୍‌କେ ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ବର୍ଷା ସହେତେ କରାବର୍ଷା ଭିଲ୍ ହେଇପାରେ । ଇ ଜିଲ୍ଲାମାନ୍‌କର୍ ଛଡ଼ା ଅଲ୍‌ଗା ଠାନ୍‌ମାନ୍‌କେ ପାଗ୍ ଶୁଖା ରହେବା । ଇ ସମିଆଥି ପବନର୍ ବେଗ ୫୦ ନୁ ୬୦ କିଲୋମିଟର୍ ରହେବା ।